# NATIONAL NEWS BULLETIN (ODIA)

**23 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ହେଉ କି ମାଓବାଦ, ଅଶାନ୍ତି ସୃଷ୍ଟି କରୁଥିବା ପ୍ରତ୍ୟେକଟି ତତ୍ୱ ବିରୁଦ୍ଧରେ ଶୂନ୍ୟ ଶହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ସରକାର - କହିଲେ ପ୍ରଧାନମନ୍ତ୍ରୀ ।

- ଜାପାନର ଟୋକିଓରେ ଆତଙ୍କବାଦ ବିରୋଧୀ ବାର୍ତ୍ତା ନେଇ ନେତୃବୃନ୍ଦଙ୍କୁ ସାକ୍ଷାତ୍ କଲେ ସର୍ବଦଳୀୟ ପ୍ରତିନିଧି ଦଳ ।

- ଅପରେସନ ସିନ୍ଦୂରରେ ଭାରତୀୟ ସଶସ୍ତ୍ରବାହିନୀର ସାହସିକ ପଦକ୍ଷେପକୁ ପ୍ରଶଂସା କରୁଛି ସାରା ବିଶ୍ୱ-କହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ।

- ସର୍ବଦଳୀୟ ପ୍ରତିନିଧି ମାନଙ୍କୁ ଆଜି ବିସ୍ତୃତ ସୂଚନା ପ୍ରଦାନ କରିବେ ବୈଦେଶିକ ସଚିବ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁହାଁମୁହିଁ ହେବେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ।

## ପିଏମ୍-ନର୍ଥ ଇଷ୍ଟ ସମିତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ତାଙ୍କ ସରକାର ଶୂନ୍ୟ ଶହନଶୀଳତା ନୀତିକୁ ଅନୁସରଣ କରୁଛନ୍ତି । ସେ କହିଛନ୍ତି ଆତଙ୍କବାଦ ହେଉ କିମ୍ବା ମାଓବାଦ ପ୍ରତ୍ୟେକଟି କ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରୁଥିବା ତତ୍ୱ

ବିରୋଧରେ ସରକାର ପଦକ୍ଷେପ ନେଉଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଉତ୍ତରପୂର୍ବାଞ୍ଚଳ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ମୋଦୀ ବିକଶିତ ଭାରତ ଗଠନ ପାଇଁ ଉତ୍ତର ପୂର୍ବାଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ନିବେଶକମାନଙ୍କୁ ଉତ୍ତର ପୂର୍ବାଞ୍ଚଳର ବିଭିନ୍ନ କ୍ଷେତ୍ରକୁ ଅନ୍ୱେଷଣ କରିବାକୁ ଅନୁରୋଧ କରି କହିଛନ୍ତି ଯେ ଉତ୍ତର ପୂର୍ବାଞ୍ଚଳ ପାଇଁ ଏବେ ସୁଯୋଗର ନୂଆ ଦ୍ୱାର ଉନ୍ମୁକ୍ତ ହେବାରେ ଲାଗିଛି । ସେ କହିଛନ୍ତି ଶକ୍ତି ଏବଂ ସେମି କଣ୍ଡକ୍ଟର ଭଳି କ୍ଷେତ୍ର ପାଇଁ ଉତ୍ତର ପୂର୍ବାଞ୍ଚଳ ପ୍ରଥମ ପସନ୍ଦ ପାଲଟିଛି ।

**V/O (5 PM Modi on Vikasit Bharat)**

ପ୍ରଧାନମନ୍ତ୍ରୀ ଏହି ଅବସରରେ ଇଷ୍ଟକୁ ସଶକ୍ତିକରଣ କାର୍ଯ୍ୟ, ଦୃଢ଼ତା ଏବଂ ରୂପାନ୍ତରଣ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ସମୟ ଥିଲା ଯେତେବେଳେ ଉତ୍ତର ପୂର୍ବାଞ୍ଚଳକୁ କେବଳ ସୀମାନ୍ତ ଅଞ୍ଚଳ କୁହାଯାଉଥିଲା କିନ୍ତୁ ଏବେ ଏହା ଅଭିବୃଦ୍ଧିରେ ଅଗ୍ରଣୀ ଭାବେ ଉଭା ହେଉଛି । ସମ୍ମିଳନୀ, କନ୍‌ସର୍ଟ ଏବଂ ଡେଷ୍ଟିନେସନ ୱେଡ଼ିଂ ପାଇଁ ଉତ୍ତର ପୂର୍ବାଞ୍ଚଳ ଏବେ ଲୋକମାନଙ୍କ ପ୍ରଥମ ପସନ୍ଦ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବାଉଁଶ ଶିଳ୍ପ, ଚା' ଉତ୍ପାଦନ, ପେଟ୍ରୋଲିୟମ, କ୍ରୀଡ଼ା ଏବଂ ଦକ୍ଷତା କ୍ଷେତ୍ରକୁ ସମ୍ମିଳିତ କରି ଉତ୍ତର ପୂର୍ବାଞ୍ଚଳରେ ପର୍ଯ୍ୟଟନ ଶିଳ୍ପ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି କୌଣସି ଅଞ୍ଚଳର ବିକାଶ ପାଇଁ ପ୍ରଥମେ ସେଠାରେ ଶାନ୍ତି ବିରାଜମାନ କରିବା ଆବଶ୍ୟକ । ସେ କହିଛନ୍ତି...

**V/O (3 PM Modi on Shanti)**

# ଅଲ୍ ପାର୍ଟି ଡେଲିଗେସନ ଭିଜିଟ୍

ଜେଡିୟୁ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଗଠିତ ସର୍ବଦଳୀୟ ପ୍ରତିନିଧି ଦଳ ଆଜି ଜାପାନର ଟୋକିଓରେ ଲିବେରାଲ ଡେମୋକ୍ରାଟିକ ପାର୍ଟିର ଆତଙ୍କବାଦ ନିରୋଧୀ ଅନୁସନ୍ଧାନ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପୂର୍ବତନ ନ୍ୟାୟମନ୍ତ୍ରୀ ୟାସୁହିରୋ ହନାସୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଆଲୋଚନାକାଳରେ ପ୍ରତିନିଧି ଦଳ ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିବା ଜଣାପଡିଛି । ଉଭୟପକ୍ଷ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଆଭିମୁଖ୍ୟକୁ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ପ୍ରତିନିଧି ଦଳ ଜାପାନର ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ମିନୋରୁ କିହାରା ଏବଂ ଲିବେରାଲ ଡେମୋକ୍ରାଟିକ ପାର୍ଟିର ଅନ୍ତର୍ଜାତୀୟ ବ୍ୟୁରୋ ମହାନିର୍ଦ୍ଦେଶକ ସିନାକୋ ସୁଚିଆଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଆଲୋଚନାକାଳରେ ପ୍ରତିନିଧି ଦଳ ଆତଙ୍କବାଦର ମୁକାବିଲା ଲାଗି ଭାରତର ଦୃଢ଼ ସଂକଳ୍ପକୁ ଦୋହରାଇଛନ୍ତି । ଅନ୍ୟପକ୍ଷରେ ପ୍ରତିନିଧି ଦଳ ବ୍ରାଜିଲ, ଅଷ୍ଟ୍ରେଲିଆ, କଲମ୍ବିଆ, ଗ୍ରୀସ୍ ଏବଂ ଦକ୍ଷିଣ କୋରିଆର କୂଟନୀତିଜ୍ଞଙ୍କ ସହ ଟୋକିଓରେ ସାକ୍ଷାତ୍ ଆଲୋଚନା କରିଛନ୍ତି । ସଞ୍ଜୟ ଝା କହିଛନ୍ତି ବିଶ୍ୱର ପ୍ରତ୍ୟେକ ଆତଙ୍କବାଦୀ କାର୍ଯ୍ୟକଳାପ ସହ ପାକିସ୍ତାନର କିଛିନା କିଛି ସମ୍ପର୍କ ରହିଛି ଏବଂ ଏବେ ଏହା ପାକିସ୍ତାନ ପାଇଁ ଜାତୀୟ ନୀତି ପାଲଟିଛି । ସେ କହିଛନ୍ତି ଯଦି ଭବିଷ୍ୟତରେ ଭାରତୀୟ ନାଗରିକଙ୍କ ସହ କୌଣସି ଅଘଟଣ ଘଟେ ସେ କ୍ଷେତ୍ରରେ ଭାରତ ଦୃଢ଼ ଜବାବ ଦେବ ।

ଇତିମଧ୍ୟରେ ଡିଏମ୍‌କେ ସାଂସଦ କାନି ମୋଝି କରୁଣାନିଧିଙ୍କ ନେତୃତ୍ୱରେ ଗଠିତ ସର୍ବଦଳୀୟ ପ୍ରତିନିଧି ଦଳ ମସ୍କୋରେ ପହଞ୍ଚି

ସାରିଛନ୍ତି । ସେଠାରେ ପ୍ରତିନିଧି ଦଳକୁ ଭାରତର ରାଷ୍ଟ୍ରଦୂତ ବିନୟ କୁମାର ଭାରତ-ରୁଷ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳ ଗସ୍ତର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ପେନ୍, ସ୍ଲୋଭେନିଆ ଏବଂ ଲାଟୋଭିଆ ଗସ୍ତ କରିବେ ।

ଶିବସେନା ସାଂସଦ ଡକ୍ଟର ଶ୍ରୀକାନ୍ତ ସିନ୍ଧେଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ଗତକାଲି ଆବୁଧାବିରେ ପହଞ୍ଚିଛନ୍ତି । ସଂଯୁକ୍ତ ଆରବ ଏମିରେଟ୍ସ ହେଉଛି ୪ଟି ରାଷ୍ଟ୍ର ଗସ୍ତ କରିବାର ପ୍ରଥମ ପର୍ଯ୍ୟାୟ । ଏହି ପ୍ରତିନିଧି ଦଳ ୟୁଏଇର ନେତୃତ୍ୱ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଅନେକଗୁଡ଼ିଏ ବୈଠକ କରି ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ଶହନଶୀଳତା ନୀତି ଉପରେ ଆଲୋଚନା କରିଥିଲେ ।

# ଅମିତ ଶାହା ବିଏସ୍ଏଫ୍

ଅପରେସନ ସିନ୍ଦୂରରେ ପହଲଗାମ ଆକ୍ରମଣର ଉଚିତ୍ ଜବାବ ଦିଆଯାଇଛି ଏବଂ ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ସାହସିକ ପଦକ୍ଷେପକୁ ସାରା ବିଶ୍ୱ ପ୍ରଶଂସା କରୁଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ସେ କହିଛନ୍ତି ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି, ଗୁଇନ୍ଦା ବିଭାଗର ସଠିକ୍ ସୂଚନା ଏବଂ ସଶସ୍ତ୍ର ବାହିନୀର ଅଦମ୍ୟ ସାହସ ଯୋଗୁଁ ଅପରେସନ ସିନ୍ଦୂର ସଫଳ ହୋଇପାରିଛି ।

**V/O (1 Amit Saha Sindoor World)**

ଆଜି ସୀମା ସୁରକ୍ଷା ବାହିନୀ-ବିଏସ୍ଏଫ୍ର ପ୍ରବେଶ ଉତ୍ସବରେ ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା

କହିଛନ୍ତି ବିଏସ୍ଏଫ୍ ଏବଂ ସଶସ୍ତ୍ର ବାହିନୀ ପାକିସ୍ତାନ ବିରୋଧରେ ଭାରତର ପଦକ୍ଷେପକୁ ଆହୁରି ଦୃଢ଼ କରିଛନ୍ତି ।

**V/O (2 Amit Saha BSF)**

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ପାକିସ୍ତାନରେ ଆତଙ୍କବାଦୀ ଆଡ୍ଡା ଉପରେ ହୋଇଥିବା ଆକ୍ରମଣକୁ ପାକିସ୍ତାନ ନିଜ ଉପରେ ଆକ୍ରମଣ ବୋଲି ବିବେଚନା କରୁଛି । ସେ କହିଛନ୍ତି ପାକିସ୍ତାନ ସେନା ପକ୍ଷରୁ ଭାରତର ସାଧାରଣ ନାଗରିକ ଏବଂ ସାମରିକ ସଂସ୍ଥାନ ଗୁଡ଼ିକ ଉପରେ ହୋଇଥିବା ଆକ୍ରମଣର ଭାରତୀୟ ସଶସ୍ତ୍ର ବାହିନୀ ଦୃଢ଼ ଜବାବ ଦେଇଛନ୍ତି । ସେ କହିଛନ୍ତି ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରେ ଉରି ଆକ୍ରମଣର ଦୃଢ଼ ଜବାବ ଦିଆଯାଇଥିଲା ଏବଂ ଭାରତୀୟ ସେନା ପକ୍ଷରୁ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା ।

## ଫରେନ ସେକ୍ରେଟାରୀ ବ୍ରିଫିଂ

ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଆଜି ଅପରାହ୍ଣରେ ଏକାଧିକ ଦଳର ପ୍ରତିନିଧି ମାନଙ୍କୁ ବିଦେଶ ଗସ୍ତ ପୂର୍ବରୁ ବିସ୍ତୃତ ସୂଚନା ପ୍ରଦାନ କରିବେ । ବିଜେପି ସାଂସଦ ବୈଜୟନ୍ତ ପଣ୍ଡା, କଂଗ୍ରେସ ସାଂସଦ ଶଶୀ ଥରୁର୍ ଏବଂ ଏନ୍ସିପି-ଏସ୍ସିପି ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ଦଳ ଆସନ୍ତାକାଲି ବିଭିନ୍ନ ଦେଶ ଗସ୍ତ କରିବେ । ବିଜେପି ସାଂସଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ଦଳ ରବିବାରଦିନ ବିଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ସାଉଦୀ ଆରବ, କୁଏତ, ବାହାରିନ୍ ଏବଂ ଆଲଜେରିଆ ଗସ୍ତ କରିବେ । ଶଶୀ ଥରୁରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଆମେରିକା, ପାନାମା, ଗୁଏନା, ବ୍ରାଜିଲ ଏବଂ କଲମ୍ବିଆ ଗସ୍ତରେ ଯିବେ । ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ଇଜିପ୍ଟ, କତାର, ଇଥିଓପିଆ ଓ ଦକ୍ଷିଣ ଆଫ୍ରିକା ଗସ୍ତ କରିବାକୁ ଥିବାବେଳେ ରବିଶଙ୍କର ପ୍ରସାଦଙ୍କ ପ୍ରତିନିଧି ଦଳ ଲଣ୍ଡନ, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ ଡେନ୍‌ମାର୍କ ଗସ୍ତରେ ଯିବେ ।

ସର୍ବଦଳୀୟ ପ୍ରତିନିଧି ଦଳ ବିଭିନ୍ନ ଦେଶକୁ ଗସ୍ତ କରି ଅପରେସନ ସିନ୍ଦୂରରେ ଭାରତର ସଫଳତା ଏବଂ ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପ ସମ୍ପର୍କରେ ଅନ୍ୟ ଦେଶର ନେତୃବୃନ୍ଦଙ୍କୁ ଅବଗତ କରାଇବେ । ଭାରତର ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତାର ବାର୍ତ୍ତା ଅନ୍ୟ ଦେଶମାନଙ୍କ ନିକଟରେ ପହଞ୍ଚାଇବା ଏହି ଗସ୍ତର ଉଦ୍ଦେଶ୍ୟ ।

## ୟୁଏସ୍-ଇରାନ୍ ଟକ୍ସ

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ମଧ୍ୟରେ ଆଜି ରୋମ୍ ଠାରେ ପଞ୍ଚମ ପର୍ଯ୍ୟାୟ କଥାବାର୍ତ୍ତା ଅନୁଷ୍ଠିତ ହେବ । ଓମାନ୍‌ର ବୈଦେଶିକ ମନ୍ତ୍ରୀ ସାଇଦ ବଦର ବିନ୍ ହମାଦ୍ ବିନ୍ ହାମୁଦ୍ ଆଲ୍‌ବୁସାଇଦି ଏହି ସୂଚନା ଦେଇଛନ୍ତି । ଗତ ଏପ୍ରିଲ୍ ମାସରୁ ଏ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ମସ୍କାଟ୍ ଠାରେ ତିନୋଟି ଏବଂ ରୋମ୍‌ରେ ଗୋଟିଏ ପର୍ଯ୍ୟାୟ କଥାବାର୍ତ୍ତା ଇତିମଧ୍ୟରେ

ଶେଷ ହୋଇଛି । ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କରେ ଏହି କଥାବାର୍ତ୍ତା ଚାଲୁ ରହିଥିବା ଜଣାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୩୩ ରନ୍‌ରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ୨୩୫ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମିଚେଲ୍ ମାର୍ସ୍ ୬୪ଟି ବଲ୍‌ରୁ ୧୧୭ରନ୍ କରିଥିବା ବେଳେ ନିକୋଲାସ ପୁରନ୍ ୨୭ଟି ବଲ୍‌ରୁ ୫୬ରନ୍ କରି ଅପରାଜିତ ରହିଥିଲେ । ୨୩୬ରନ୍ ବିଜୟ ଲକ୍ଷ୍ୟର ପିଛା କରି ଗୁଜରାଟ ଟାଇଟନ୍ସ ମାତ୍ର ୨୦୨ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ମିଚେଲ୍ ମାର୍ସ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ପଏଣ୍ଟ ଟେବୁଲରେ ଗୁଜୁରାଟ ଟାଇଟନ୍ସ ୧୮ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍‌ସ ୧୭ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।